୧୫. ଭଗବାନ୍ ଭାରତକୁ କେଉଁ ମନ୍ତ୍ରସିଦ୍ଧି ଦିଅନ୍ତୁ ବୋଲି ଗାନ୍ଧିଜୀ ଆଶା କରୁଥିଲେ ?

୧୬. ଦେଶବାସୀ ଆତ୍ମତ୍ୟାଗ କରିବାକୁ ପ୍ରସ୍ତୁତ ରହିବାପାଇଁ ଗାନ୍ଧିଜୀ ଆଶା କରୁଥିଲେ କାହିଁକି ?

୧୭. କେଉଁ କାର୍ଯ୍ୟକୁ ବର୍ବରତା ବୋଲି କୁହାଯାଇଛି ?

୧୮. ଗାନ୍ଧିଜୀ ଗିରଫ ହୋଇଗଲେ ଲୋକେ ଭୟଭୀତ ନ ହେବାପାଇଁ ସେ କାହିଁକି ପରାମର୍ଶ ଦେଇଥିଲେ ?

୧୯. ସ୍ୱରାଜ ପାଇବାପାଇଁ ଦେଶର ପୁରୁଷ ଓ ସ୍ତ୍ରୀମାନେ କ'ଣ କ'ଣ କରିବା ଆବଶ୍ୟକ ବୋଲି ଗାନ୍ଧିଜୀ କହିଥିଲେ ?

୨୦. ସମସ୍ତଙ୍କ ମଧ୍ୟରେ ଏକତା ପ୍ରତିଷ୍ଠା ଉପରେ ଗାନ୍ଧିଜୀ ଗୁରୁତ୍ୱ ଦେଉଥିଲେ କାହିଁକି ?

## ସପ୍ରସଙ୍ଗ ସରଳାର୍ଥ ଲେଖ :

୨୧. ଆମ ନିଜ ଦେହର ରକ୍ତପରି ଏ ଲୁଣ ଆମର ପ୍ରିୟ ।

୨୨. ଶୁଭକ୍ଷଣରେ ଆରମ୍ଭ ହୋଇଥିବା ଏହି ଯୁଦ୍ଧ ଯଦି ଶେଷପର୍ଯ୍ୟନ୍ତ ଅହିଂସ ରହିବ ତେବେ ଭାରତ ନିକଟ ଭବିଷ୍ୟତରେ ନିଶ୍ଚୟ ସ୍ୱରାଜ୍ୟ ହାସଲ କରିବ ।

୨୩. ଅନ୍ୟର ପ୍ରାଣ ନ ନେଇ ନିଜର ପ୍ରାଣ ଦେବା, ଜୀବନ ଦେଇ ଜୀବନ ଲାଭ କରିବା କଳାରେ ସିଦ୍ଧହସ୍ତ ହେବାକୁ ପଡ଼େ ।

୨୪. ଆତ୍ମବଳିଦାନ ଓ ତ୍ୟାଗ ବିନା ଯେଉଁ ସ୍ୱାଧୀନତା ହାସଲ କରାଯାଏ ତାହା ଚିରଞ୍ଜୀବୀ ହୋଇପାରେ ନାହିଁ ।

## ଦୀର୍ଘ ଉତ୍ତରମୂଳକ :

୨୫. ଆଟ୍‌ରେ ସତ୍ୟାଗ୍ରହୀ ଲୁଣ ମାରିବା ଘଟଣାର ଏକ ବିସ୍ତୀର୍ଣ୍ଣ ବିବରଣୀ ପ୍ରଦାନ କର ।

୨୬. ଏପ୍ରିଲ୍ ନଅ ତାରିଖରେ ଗାନ୍ଧିଜୀ ସମଗ୍ର ଭାରତକୁ ଦେଇଥିବା ବାର୍ତ୍ତା ସଂପର୍କରେ ଆଲୋଚନା କର ।

୨୭. ତ୍ୟାଗ ବା ଆତ୍ମବଳିଦାନରେ ଲବ୍ଧ ସ୍ୱାଧୀନତା ଚିରଞ୍ଜୀବୀ । ପଠିତ ପ୍ରବନ୍ଧ ଅବଲମ୍ବନରେ ବୁଝାଇ ଦିଅ ।

୨୮. ଶିକ୍ଷକଙ୍କ ସହିତ ପରାମର୍ଶ କରି "ଭାରତର ସ୍ୱାଧୀନତା ଆନ୍ଦୋଳନରେ ଲବଣ ସତ୍ୟାଗ୍ରହର ଭୂମିକା'' ସମ୍ବନ୍ଧରେ ଲେଖାଟିଏ ପ୍ରସ୍ତୁତ କର ।

୨୯. ନିଜର ସହପାଠୀ ଓ ଶିକ୍ଷକଙ୍କ ସହିତ ପରାମର୍ଶ କରି ଓଡ଼ିଶାରେ ହୋଇଥିବା ଲବଣ ସତ୍ୟାଗ୍ରହ ସମ୍ବନ୍ଧରେ ବିବରଣୀ ସଂଗ୍ରହ କର ।

## ନିର୍ଦ୍ଦିଷ୍ଟ ଉତ୍ତରମୂଳକ :

୩୦. ସନ୍ଧିବିଚ୍ଛେଦ କର ।

ସାଧ୍ୟାନୁସାରେ, ନିର୍ଦ୍ଦୋଷ, ନିର୍ଭୟ, ନିଶ୍ଚେଷ୍ଟ, ପଦାଘାତ

୩୧. ଅଭିଧାନ ଦେଖି ନିମ୍ନଲିଖିତ ଶବ୍ଦମାନଙ୍କର ଅର୍ଥ ଲେଖ ।

ବର୍ବରତା, ମର୍ମ, ଚିରଞ୍ଜୀବୀ, ଘାବରା, ମଣିବନ୍ଧ, ସିଦ୍ଧହସ୍ତ

୩୨. ନିମ୍ନଲିଖିତ ଶବ୍ଦଗୁଡ଼ିକୁ ସାର୍ଥକ ବାକ୍ୟରେ ବ୍ୟବହାର କର ।

ପ୍ରତୀକ, ବଳିଦାନ, ସ୍ୱରାଜ, ଅହିଂସା, ସତ୍ୟାଗ୍ରହ

୩୩. ଶବ୍ଦରେ ଶାଳିନ୍ ପ୍ରତ୍ୟୟ ଯୋଗ କଲେ ନୂଆ କରି ଗଠିତ ଶବ୍ଦଟି ବିଶେଷଣ ପଦ ହୁଏ ।

ଯଥା (ଗୌରବ + ଶାଳିନ୍) = ଗୌରବଶାଳୀ

(ଧନ + ଶାଳିନ୍) = ଧନଶାଳୀ

ସେହିପରି ଆଉ ୩ଟି ଶବ୍ଦ ଲେଖ ।

୩୪. 'କାଖ'ରୁ ଯେପରି ନାମଧାତୁ କ୍ରିୟା 'କାଖେଇବା' ହୁଏ, ସେହିପରି ଆଉ କେତୋଟି ନାମଧାତୁ କ୍ରିୟା ଲେଖ ।

୩୫. ବର୍ବରତା, ଅଭଦ୍ରତା ପରି 'ତା' ପ୍ରତ୍ୟୟ ଯୋଗେ ଗଠିତ ଆଉ ୫ଟି ଶବ୍ଦ ଲେଖ ।

**ତୁମପାଇଁ କାମ :**

୩୬. ଓଡ଼ିଶାର ପାଞ୍ଚ ଜଣ ସ୍ୱାଧୀନତା ସଂଗ୍ରାମୀଙ୍କ ନାମ ସଂଗ୍ରହ କରି ଲେଖ ।

୩୭. ଅନ୍ନପୂର୍ଣ୍ଣା ମହାରଣାଙ୍କ ବିଭିନ୍ନ ଲୋକହିତକର କାର୍ଯ୍ୟ ସଂପର୍କରେ ବିବରଣୀ ସଂଗ୍ରହ କର ।

❖❖❖